# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
# କୃଷି ସୂଚନା ସେବା

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷିକାର୍ଯ୍ୟ କରିବା ପାଇଁ ପରାମର୍ଶ ।

## ୨୦୨୦ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା

- କ୍ଷେତରେ ଶତକଡା ୮୦ ଭାଗ ଧାନ କେଣ୍ଡାରେ ପାଚିଗଲା ପରେ ଧାନ କାଟି ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ବିହନ ପାଇଁ ୧୨ ଶତକଡ଼ା ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ଆର୍ଦ୍ରତା ଆସିବା ପରେ ସାଇତି ରଖନ୍ତୁ ।

- ଧାନ ଠିକ୍‌ଭାବେ ଶୁଖିବାପରେ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା 'ସୁପର ଗ୍ରେନ ବସ୍ତା' ରେ ସାଇତି ରଖିଲେ ଧାନ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିବ ।

- ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

**ଏହି ସମୟରେ ଧାନ ଫସଲରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ , ସବୁଜ ପତ୍ରଡିଆଁ ପୋକ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଏହାବ୍ୟତୀତ ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ ।**

- ଯଦି, ମାଟିଆ ଗୁଣ୍ଡିପୋକ ବୁଦାପ୍ରତି ୫-୧୦ଟି ଦେଖାଯାଏ, ଜମିର ସୁକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ, ଯେପରିକି ଜମିରେ ଅଧିକ ଦିନ ସମୟ ପର୍ଯ୍ୟନ୍ତ ଠିଆ ପାଣି ରହିବ ନାହିଁ । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% ଡବ୍ଲ୍ୟୁ/ ଡବ୍ଲ୍ୟୁ (ନିମ୍ବତମ) ୮୦୦ ମି.ଲି. କିମ୍ବା ଟ୍ରିଫ୍ଲୁମେଜୋପାଇରିମ୍ ୧୦ ଏସ୍.ସି ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡ଼ିନୋଟେଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫ % ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ଯଦି, ସବୁଜ ପତ୍ରଡିଆଁ ପୋକ ଦେଖାଯାଏ, ତେବେ ଏକର ପିଛା ଆଜାଡିରାକ୍ଟିନ୍ ୫% ଡବ୍ଲ୍ୟୁ/ଡବ୍ଲ୍ୟୁ ୮୦୦ ମି.ଲି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ ୫୦ ମି.ଲି. କିମ୍ବା ଥାୟାମିଥାକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍. ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- **ଯଦି ଗନ୍ଧିପୋକ ଦେଖାଯାଏ,** ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ପ୍ରତି ଏକର ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ ୫ ଡି. ଗୁଣ୍ଡ ୧୦ କି.ଗ୍ରା. ପ୍ରତି ଏକର ସକାଳେ ପବନ ନ ହେଉଥିବା ସମୟରେ ପ୍ରୟୋଗ କରନ୍ତୁ ।

- **ଯଦି ଲେଡାପୋକ ଦେଖାଯାଏ,** ଏକର ପିଛା କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ପ୍ରତି କିମ୍ବା, କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ । ଏହାକୁ ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରିବା ଆବଶ୍ୟକ ।

- ଧାନ ଅମଳ ସମୟରେ ମୂଷା ମଧ କ୍ଷତି ଘଟାଇପାରେ । ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ । ତା ପରଦିନ ଯେଉଁ ଗାତମୁହଁ ଖୋଲା ଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ୍) କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ ।

**ରାତ୍ରରେ କମ୍ ଉତ୍ତାପ ଏବଂ ଅଧିକ ଆର୍ଦ୍ରତା ଯୋଗୁଁ ସାଆଁରା ରୋଗ, ପତ୍ରାଚ୍ଛାଦ ସଢ଼ା ରୋଗ, କେଣ୍ଡା ମହିଷା ରୋଗ ଇତ୍ୟାଦି ଦେଖାଯାଇପାରେ । ନିୟନ୍ତ୍ରଣ ପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ ।**

- **ଯଦି ସାଆଁରା ରୋଗ ଦେଖାଯାଏ,** ସାଆଁରା ରୋଗ ଦମନ ପାଇଁ କପର ହାଇଡ୍ରୋକ୍ସାଇଡ୍ ୭୭ ଡବ୍ଲ୍ୟୁ.ପି. ୨ ଗ୍ରାମ୍ ଫୁଲ ଉଡାଇବା ପୂର୍ବରୁ କିମ୍ବା କ୍ଲୋରୋଥାଲୋନିଲ୍ ୭୫ ଡବ୍ଲ୍ୟୁ.ପି. ୨ ଗ୍ରାମ୍/ଲିଟର କିମ୍ବା ଟେବୁକୋନାଜୋଲ୍ ୨୫୦ ଇ.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ଫୁଲ ଉଡାଇବା ସମୟରେ ସିଞ୍ଚନ କରନ୍ତୁ ।
- **କାଣ୍ଡ / କେଣ୍ଡା ମହିଷା ରୋଗ :** ମହିଷା ରୋଗ ଦମନ ପାଇଁ ୨୦୦ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା ଏକର ପିଛା ଆଇସୋପ୍ରୋଥିୟୋଲେନ୍ (ଫୁଜିୟୋନ୍ ୪୦ ଇ.ସି. ୩୦୦ ମି.ଲି) କିମ୍ବା ଅରିୟୋଫୁନ୍‌ଜିନ୍ ସଲ୍ ୨୫ ଗ୍ରାମ୍ ପ୍ରୟୋଗ କରନ୍ତୁ । ଏହାର ବଦଳଭାବେ ୨୫ ଗ୍ରାମ୍ ବେଲପତ୍ରରୁ ପ୍ରସ୍ତୁତ ରସ କିମ୍ବା ତୁଳସୀ ପତ୍ର ରସ କିମ୍ବା ୨୦୦ ଗ୍ରାମ୍ ନିମ୍ବ ପତ୍ର ରସ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।

- **ପତ୍ରାଚ୍ଛାଦ ସଢ଼ା ରୋଗ :** ପତ୍ରାଚ୍ଛାଦ ସଢ଼ା ରୋଗ ଦମନ ପାଇଁ ହେକ୍ସାକୋନାଜୋଲ୍ ୫ ଇ.ସି. ୨ ମି.ଲି ପ୍ରତି ଲିଟର ପାଣି କିମ୍ବା ପ୍ରୋପିକୋନାଜୋଲ୍ ୨୫% ୧ ମି.ଲି. ପ୍ରତି ଲିଟର ପାଣି କିମ୍ବା ଥିଫ୍ଲୁଜାମାଇଡ୍ ୨୪ ଏସ୍.ସି ୧ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ପତ୍ରାଚ୍ଛାଦ ପୋଡା ରୋଗ :** ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ପ୍ରୋପିକୋନାଜଲ୍ ୨୫% (ଟିଲ୍ଟ) ୧ ମି.ଲି. କିମ୍ବା ରାଇଜୋସିନ୍ ୩ ଏଲ୍ କିମ୍ବା ସିଥ୍ମାର୍ ୩ ଏଲ୍ ୨ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ । କିମ୍ବା ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ( ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କଣ୍ଟାଫ୍ ୫ ଇ.ସି. (ହେକ୍ସାକୋନାଜଲ୍ ୫ ଇ.ସି.) ୨ ମି.ଲି. କିମ୍ବା ଥିଫ୍ଲୁଜାମିଡ୍ ୨୪ ଏସ୍.ସି. ୧ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଜଳସେଚିତ ମଧ୍ୟମ କିସମ ଜମିରେ ଧାନ କାଟିବା ପରେ ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ଶୀତଦିନିଆ ମକା ଇତ୍ୟାଦି ଫସଲ ଚାଷ କରନ୍ତୁ ।

- ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା ମଟର, ବିରି, ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଧାନ କାଟିବାର ୧୫ ଦିନ ପୂର୍ବରୁ ବୁଣନ୍ତୁ ।

*****